ପାଠ-୮

# ସେମାନେ ଆମ ଭାଇଭଉଣୀ

୧. ଅପଠିତାଂଶଟିକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

ଛାତ୍ର ଜୀବନ ହେଉଛି ବିଦ୍ୟାଅର୍ଜନର ଉପଯୁକ୍ତ ସମୟ । ସେଥିପାଇଁ ଛାତ୍ରଛାତ୍ରୀମାନଙ୍କର ଶୃଙ୍ଖଳା ଜ୍ଞାନର ଆବଶ୍ୟକତା ରହିଛି । ଛାତ୍ରଟିଏ ଯଦି ଶୃଙ୍ଖଳିତ ନ ହୁଏ, ତେବେ ସେ ଜୀବନରେ କେବେ ବି ବଡ଼ମଣିଷ ହୋଇପାରିନଥାଏ । ବିଦ୍ୟାଳୟକୁ ଠିକ୍ ସମୟରେ ପହଞ୍ଚିବା ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଭକ୍ତି କରିବା ହେଉଛି ଶୃଙ୍ଖଳା ଜ୍ଞାନର ଏକ ଉଦାହରଣ । ଯେଉଁ ଛାତ୍ର ଶୃଙ୍ଖଳିତ ନୁହେଁ, ତାକୁ ଛାତ୍ରର ମର୍ଯ୍ୟାଦା ମିଳେ ନାହିଁ । ପରିବାର ହେଉଛି ଶୃଙ୍ଖଳା ଶିକ୍ଷାର ପ୍ରଥମ ସ୍ଥାନ । ବିଭିନ୍ନ ନୀତିନିୟମ ଓ ଭଲଶବ୍ଦ ବିଷୟରେ ପିତାମାତା ଓ ଗୁରୁଜନମାନଙ୍କଠାରୁ ଶିକ୍ଷା ହେଉଛି ଶୃଙ୍ଖଳାଜ୍ଞାନ । ଦୈନିକ ଜୀବନରେ ଶୃଙ୍ଖଳାର ଆବଶ୍ୟକତା ରହିଛି ।

କ) ବିଦ୍ୟାଅର୍ଜନର ଉପଯୁକ୍ତ ସମୟ କ'ଣ ?

ଉ: ଛାତ୍ର ଜୀବନ ହେଉଛି ବିଦ୍ୟାର୍ଜନର ଉପଯୁକ୍ତ ସମୟ ।

ଖ) ବଡ଼ମଣିଷ ହେବା ପାଇଁ ଜୀବନରେ କାହାର ଆବଶ୍ୟକତା ରହିଛି ?

ଉ: ବଡ଼ମଣିଷ ହେବା ପାଇଁ ଜୀବନରେ ଛାତ୍ରଛାତ୍ରୀମାନଙ୍କର ଶୃଙ୍ଖଳା ଜ୍ଞାନର ଆବଶ୍ୟକତା ରହିଛି ।

ଗ) ପ୍ରଥମେ ଛାତ୍ରଟିଏ କେଉଁଠାରୁ ଶୃଙ୍ଖଳା ଜ୍ଞାନ ଶିକ୍ଷାଲାଭ କରିଥାଏ ?

ଉ: ପ୍ରଥମେ ଛାତ୍ରଟିଏ ପରିବାରରୁ ଶୃଙ୍ଖଳା ଜ୍ଞାନ ଶିକ୍ଷାଲାଭ କରିଥାଏ ।

ଘ) ଦୈନିକ ଜୀବନରେ କାହାର ଆବଶ୍ୟକତା ରହିଛି ?

ଉ: ଦୈନିକ ଜୀବନରେ ଶୃଙ୍ଖଳାର ଆବଶ୍ୟକତା ରହିଛି ।

ଙ) ଶୃଙ୍ଖଳା ଜ୍ଞାନର ଏକ ଉଦାହରଣ ଦିଅ ।

ଉ: ବିଦ୍ୟାଳୟକୁ ଠିକ୍ ସମୟରେ ପହଞ୍ଚିବା ।

୨. ଶୂନ୍ୟସ୍ଥାନ ପୂରଣ କର ।

କ) ବଣ୍ଡା ଲୋକମାନେ ଓଡ଼ିଶାରେ ମାଲ୍‌କାନଗିରି ଜିଲ୍ଲାରେ ବାସ କରନ୍ତି ।

ଖ) ଘରଗୁଡ଼ିକୁ ସେମାନେ ଖିରି ଘାସରେ ଛପର କରନ୍ତି ।

ଗ) ସାଙ୍ଗ ହେଲା ପରେ ସେମାନେ ଆମକୁ ମଇତରେ ଡାକନ୍ତି ।

ଘ) ବଣ୍ଡା ସ୍ତ୍ରୀ ଲୋକମାନେ ଖୁବ୍ ପରିଶ୍ରମୀ ।

ଙ) ବଣ୍ଡାମାନେ ଠାକୁର ଓ ଠାକୁରାଣୀ କୁ ଖୁବ୍ ମାନନ୍ତି ।

୩. ବିଷୟବସ୍ତୁ ସମ୍ପର୍କିତ ପ୍ରଶ୍ନୋତ୍ତର ।

କ) 'ଗଛ କ'ଣ ଆମର ବନ୍ଧୁ ନୁହେଁ?' ତା' ସାଙ୍ଗରେ ମଇତର ବସିଲେ କ୍ଷତି କ'ଣ?

i) ଏହି ଉକ୍ତିଟି କେଉଁ ବିଷୟରୁ ଆସିଛି ?

ଉ: ଏହି ଉକ୍ତିଟି ପାଠ-୮-ସେମାନେ ଆମ ଭାଇଭଉଣୀ ବିଷୟରୁ ଆସିଛି ।

ii) ଏହି ବିଷୟର ଲେଖିକା କିଏ ?

ଉ: ଏହି ବିଷୟର ଲେଖିକାଙ୍କ ନାମ - ଡ଼ି. ପ୍ରତିଭା ରାୟ ।

iii) ଏଠାରେ କାହାସହ ମଇତର ବସିବା କଥା କୁହାଯାଇଛି ?

ଉ: ଏଠାରେ ଗଛସହ ମଇତରେ ବସିବା କଥା କୁହାଯାଇଛି ।

ଖ) 'ଜଣକର ସୁଖରେ ସମସ୍ତଙ୍କର ସୁଖ ନୁହେଁ, ସମସ୍ତଙ୍କର ସୁଖରେ ହିଁ ଜଣେ ସୁଖରେ ରହିବ ।'

i) ଏହି ଉକ୍ତିଟି କେଉଁ ଜାତିର ଲୋକମାନେ ଭାବନ୍ତି ?

ଉ: ଏହି ଉକ୍ତିଟି ବଣ୍ଡା ଜାତିର ଲୋକମାନେ ଭାବନ୍ତି ।

ii) ସେମାନେ ଭଗବାନଙ୍କୁ କ'ଣ ମାଗନ୍ତି ?

ଉ: ସେମାନେ ଭଗବାନଙ୍କୁ ମାଗନ୍ତି "ମା ଆମ ଗାଁ ରୁ ବାଘ, ଭାଲୁ, ସାପ ରୋଗ ଦୂରେଇ ଦେ ମା ।

iii) ଏହି କଥାଟିକୁ ଓଡ଼ିଶାର କେଉଁ ଅଞ୍ଚଳର ଲୋକମାନେ ଭାବନ୍ତି ?

ଉ: ଏହି କଥାଟିକୁ ଓଡ଼ିଶାର ମାଲକାନଗିରି ଅଞ୍ଚଳର ଲୋକମାନେ ଭାବନ୍ତି ।

୪. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

କ) ପାହାଡ଼ଗୁଡ଼ିକ କିପରି ଠିଆ ହୋଇଛନ୍ତି ବୋଲି ଲେଖିକା ଲେଖିଛନ୍ତି ?

ଉ: ପାହାଡ଼ଗୁଡ଼ିକ ହାତ ଧରାଧରି ହୋଇ, କାନ୍ଧକୁକାନ୍ଧ ମିଳାଇ ଠିଆ ହୋଇଛନ୍ତି ବୋଲି ଲେଖିକା ଲେଖିଛନ୍ତି ।

ଖ) ସେମାନେ ଆମଠୁ ଭିନ୍ନ ନୁହଁନ୍ତି, କିନ୍ତୁ ସେମାନଙ୍କର କ'ଣ କ'ଣ ଆମଠାରୁ ଭିନ୍ନ ?

ଉ: ସେମାନେ ଆମଠୁ ଭିନ୍ନ ନୁହଁନ୍ତି, କିନ୍ତୁ ସେମାନଙ୍କର ଚାଲିଚଳଣି, ପୂଜାପର୍ବ, ବାହାଘର ଇତ୍ୟାଦି ଆମଠାରୁ ଭିନ୍ନ ।

ଗ) ସେମାନେ ନିଜକୁ କ'ଣ କୁହନ୍ତି ଓ ତା'ର ଅର୍ଥ କ'ଣ ?

ଉ: ସେମାନେ ନିଜକୁ ରେମୋ କୁହନ୍ତି । ରେମୋ ର ଅର୍ଥ ମଣିଷ ।

ଘ) ବଣ୍ଡାମାନେ ଆମ ଓଡ଼ିଶାର କେଉଁ ଜିଲ୍ଲାରେ ବସବାସ କରନ୍ତି ?

ଉ: ବଣ୍ଡାମାନେ ଆମ ଓଡ଼ିଶାର ମାଲକାନଗିରି ଜିଲ୍ଲାରେ ବସବାସ କରନ୍ତି ।

ଙ) ଆମକୁ ଦେଖିଲେ ସେମାନେ କିପରି ବ୍ୟବହାର କରନ୍ତି ?

ଉ: ଆମକୁ ଦେଖିଲେ ସେମାନେ ବହୁତ ଖୁସି ହୁଅନ୍ତି ଓ ଫଳମୂଳ ଆଣି ଦିଅନ୍ତି ।

୫. ତଳେ ଦିଆଯାଇଥିବା ଶବ୍ଦକୁ ନେଇ ବାକ୍ୟଗଠନ କର ।

ଅପୂର୍ବ - ପାହାଡ଼ ଦେଖିବାକୁ ଅପୂର୍ବ ~~ସୁନ୍ଦ~~ ସୁନ୍ଦର ।

ବନ୍ଧୁ - ଗଛ ଆମର ବନ୍ଧୁ ।

ପର୍ବ - ଜ୍ୟେଷ୍ଠ ମାସରେ ରଜ ପର୍ବ ପାଳନ ହୁଏ ।

◆◆◆